# ODM PUBLIC SCHOOL

**CLASS :3**
**SUBJECT : ODIA**
**CHAPTER NUMBER: 07**
**CHAPTER NAME : ଆସ ବୁଲିଯିବା ଭଟ୍ଟାରିକା**
**SUBTOPIC : ଉପକ୍ରମ ,ପଠନ କ୍ରିୟା ଓ କଠିନ ଶବ୍ଦ**



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# ଆସ ବୁଲିଯିବା ଭଟ୍ଟାରିକା



ODM
EDUCATIONAL GROUP
Changing your Tomorrow





ODM EDUCATIONAL GROUP
Changing your Tomorrow

# ଆସ ବୁଲିଯିବା ଭଟ୍ଟାରିକା

ଦୁଷ୍ମନ୍ତ ବାବୁଙ୍କ ଘର ଆଠଗଡ଼ । ପାଖରେ ଭଟ୍ଟାରିକା ଠାକୁରାଣୀ ପୂଜା ପାଆନ୍ତି । ସେଥିପାଇଁ ଭଟ୍ଟାରିକା ବୁଲିଯିବା ପାଇଁ ସେ ଯୋଜନା କ[illegible] ଦୁଷ୍ମନ୍ତ





ବାବୁ ନାତିନାତୁଣୀଙ୍କ ସହ ବାହାରିଲେ । ଜିନିଷପତ୍ର ସଜାଡ଼ିଲେ । ଜେଜେଙ୍କର ଗ୍ରନ୍ଥ ନେବାକୁ ସେମାନେ ଭୁଲିଲେ ନାହିଁ ।

କାନ୍ଥଘଣ୍ଟାରେ ଚାରିଟା ବାଜିଲା । ଠିକ୍ ସମୟରେ ଗାଡ଼ି ଆସି ଅଟ୍ଟାଳିକା ଆଗରେ ରହିଲା । ସଭିଏଁ ଗାଡ଼ିରେ ବସିଲେ । ସାନପିଲାମାନେ ଜେଜେଙ୍କ ପାଖରେ ବସିବାକୁ ଜିଦ୍ କଲେ । ପାଟିତୁଣ୍ଡ ନ କରି ଶାନ୍ତିରେ ବସିବାକୁ ଜେଜେ କହିଲେ । ଗାଡ଼ି ମନ୍ଥର ଗତିରେ ଗାଁ ଦାଣ୍ଡରେ ଚାଲିଲା ।

ଜେଜେ ପିଲାଙ୍କୁ ପଚାରିଲେ, ''ଆରେ, ତୁମେ ସବୁ ଖାଇବ କ'ଣ'' ? ନାତୁଣୀ କହିଲା, ''ଜେଜେ ବାହାର ଜିନିଷ ଖାଇବା ନାହିଁ । ଫଳ ଆଣିଛୁ ।'' ଜେଜେ କହିଲେ, "ହଁ ହଁ ଫଳ ଖାଅ । ଦେହ ଭଲ ରହିବ । ବାହାର ଜିନିଷ ଖାଇଲେ ଦେହ ଖରାପ ହେବ।" ଜେଜେ ପୁଣି କହିଲେ, "ଯଦି ଦରକାର

ହୁଏ ବାହାରୁ ତଟକା ତଟକା ଖାଦ୍ୟ ଖାଇବ । କିନ୍ତୁ ବେଶୀ ଖାଇବ ନାହିଁ । ଖାଇଲେ ଝାଡ଼ା, ବାନ୍ତି, ପେଟ ଗୋଳମାଳ ହୋଇପାରେ ।”

ପିଲାଏ ପଚାରିଲେ, ତେବେ ନ ଖାଇଲେ କ'ଣ ହେବ ?

ଜେଜେ ଚଟାପଟ୍ କହିଲେ, ଭୋକ ହେବ, ହାଲିଆ ଲାଗିବ, ବୁଲିବାକୁ ମନ ହେବନାହିଁ । କାମ କରିବାକୁ ଭଲ ଲାଗିବନାହିଁ । ଦୁର୍ବଳ ଲାଗିବ । ତାପରେ ପିଲାମାନେ ଜେଜେଙ୍କୁ ଗପ କହିବାପାଇଁ ଅନୁରୋଧ କଲେ । ଜେଜେ କହିଲେ, ଘରେ କହିବି । ଏବେ ପଦ୍ୟାନ୍ତ କର । ପିଲାମାନେ ପଦ୍ୟାନ୍ତ କଲେ । ନିଜନିଜ ଭିତରେ ଥଟ୍ଟାତାମସା କଲେ । ପଦ୍ୟାନ୍ତ ଓ ଥଟ୍ଟାତାମସା ଭିତରେ ଗାଡ଼ି ଭଟ୍ଟାରିକାରେ ପହଂଚିଗଲା ।



ODM EDUCATIONAL GROUP
Changing your Tomorrow

## କଠିନ ଶବ୍ଦ

ଗ୍ରନ୍ଥ - ପୁସ୍ତକ
ଅଟ୍ଟାଳିକା –କୋଠାଘର
ମନ୍ଥର –ଧୀର ଗତି ,ଧୀରେ ଧୀରେ
ଶାନ୍ତିରେ -ଧୀର ସ୍ଥିର,ଶିଷ୍ଟ
ଦୁର୍ବଳ –ବଳହୀନ
ପଦ୍ୟାନ୍ତ-ପଦ ବୋଲିବା
ଥଟ୍ଟାତାମସା –ପରିହାସ ,ଟାପରା
ଯୋଜନା –ଖସଡ଼ା (ନଦୀ ବନ୍ଧ ଯୋଜନା )
ତଟକା – ସଜ ,ସତେଜ

ODM EDUCATIONAL GROUP
Changing your Tomorrow

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ ।

୧ –ଦୁଷ୍ମନ୍ତ ବାବୁଙ୍କ ଘର କେଉଁ ଠାରେ ଅବସ୍ଥିତ ?
୨ –ଦୁଷ୍ମନ୍ତ ବାବୁ କୁଆଡେ ବୁଲିଯିବା ପାଇଁ ଯୋଜନା କଲେ ?
୩ – ଦୁଷ୍ମନ୍ତ ବାବୁ କେଉଁ ମାନଙ୍କୁ ନେଇ ବୁଲି ବାହାରିଲେ ?
୪ –ଭଟ୍ଟାରିକା ରେ କିଏ ପୂଜା ପାଆନ୍ତି ?
୫ –ଜେଜେଙ୍କର କଣ ନେବାକୁ ସେମାନେ ଭୁଲିଲେ ନାହିଁ ?
୬ – ଗାଡି ଆସି କେଉଁ ଠାରେ ରହିଲା ?
୭ –ଗାଡିଟି ମନ୍ଥର ଗତିରେ କେଉଁଠାରେ ଚାଲିଲା ?
୮ –ଖାଦ୍ୟ ନ ଖାଇଲେ କଣ ହେବ ବୋଲି ଜେଜେ କହିଲେ ?
୯-ପିଲାମାନେ ଜେଜେଙ୍କୁ କଣ କହିବା ପାଇଁ ଅନୁରୋଧ କଲେ ?
୧୦ –ପଦ୍ମାନ୍ତ ଓ ଥଟ୍ଟାତାମସା ଭିତରେ ଗାଡିଟି କେଉଁଠାରେ ପହଂଚିଗଲା ?

ODM EDUCATIONAL GROUP
Changing your Tommorrow

# ଗୃହକର୍ମ

## କଠିନ ଶବ୍ଦ ର ଅର୍ଥ ଗୁଡିକୁ ମନେରଖ ।



ODM EDUCATIONAL GROUP

# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ  ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ ।



ODM EDUCATIONAL GROUP

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow